ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୨୩ ଜୁଲାଇ, ୨୦୨୧

## ସାମାନ୍ୟ ବର୍ଷାରେ ଚାନ୍ଦିପୁଟ ରାସ୍ତାରେ ପାଣି

ପାରଳାଖେମୁଣ୍ଡି,(ଡି.ଏନ୍.ଏ.):ମୋହନା ବ୍ଲକ ଅନ୍ତର୍ଗତ ଚାନ୍ଦିପୁଟ ଗ୍ରାମ ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ବ୍ରହ୍ମପୁରଠାରୁ ପାରଳାଖେମୁଣ୍ଡି ଓ ମୋହନାକୁ ସଂଯୋଗ କରୁଥିବା ଏହି ରାସ୍ତାର ଚାନ୍ଦିପୁଟ ହାଟପଦା ନିକଟରେ ଥିବା ପୋଲ ପାଖରେ ବଡ଼ ଖାଲ ହୋଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ଏଠାରେ ଆଣ୍ଠିଏ ପାଣି ଜମି ରହୁଥିବା ଗାଡ଼ିମୋଟର ଯାତାୟତରରେ ବାଧା ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ଏମ୍‌ପି, ବିଧାୟକ ଓ ସରକାରୀ ବାବୁମାନେ ଯା' ଆସ କରୁଥିଲେ ମଧ କାହାରି ଦୃଷ୍ଟି ପଡୁନି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ସଂକ୍ଷେପରେ

### ରାସ୍ତା କଡ଼ରେ ଅଟୋ ରଖିବାକୁ ନେଇ ବିବାଦ

**ଭଞ୍ଜନଗର,୨୨।୭(ଡି.ଏନ.ଏ):** କୁଲାଡ଼ ମୁଖ୍ୟରାସ୍ତା କଡ଼ରେ କୁଲାଡ଼ ମା ବାଗ୍‌ଦେବୀ ଅଟୋ ସଂଘ ଅଟୋ ରଖିଲେ ପୋଲିସ ବିରୋଧ କରୁଛି। କିନ୍ତୁ ଅନ୍ୟ ଏକ ସଂଘର ଅଟୋ ସେଠାରେ ରହିଲେ କିଛି କୁହାଯାଉନାହିଁ। କୁଲାଡ଼ ଅଟୋ ଭଞ୍ଜନଗର ଯାଇ କିଛି ଭଡ଼ା ଆଣିଲେ ଅନ୍ୟ ଏକ ଅଟୋ ସଂଘ ପକ୍ଷରୁ ସେମାନଙ୍କୁ ଜରିମାନା ପକାଯାଉଛି । ଯାହାକୁ ନେଇ ସଂଘର କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତେଣୁ କୁଲାଡ଼ ଅଟୋ ସଂଘର ସଭ୍ୟମାନଙ୍କୁ କୁଲାଡ଼ରେ ଅଟୋ ରଖିବା ପାଇଁ ସ୍ଥାନ ଯୋଗାଇ ଦେବାକୁ ଦାବି କରାଯାଇଛିଗୁରୁବାର ସଂଘ ସଭାପତି ଶିବ ପ୍ରସାଦ ମିଶ୍ର, ଉପ ସଭାପତି ବିକାଶ ଦିହୁଡ଼ି, ସମ୍ପାଦକ ଅନିଲ ନାୟକ, ସହ ସମ୍ପାଦକ ଦେବରାଜ ସେଠୀ ପ୍ରମୁଖ ଉପ ଜିଲାପାଳଙ୍କୁ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି ।

### ବିଦ୍ୟୁତ୍ ଆଘାତରେ ନାବାଳିକା ମୃତ

**ହିଞ୍ଜିଳିକାଟୁ,୨୨।୭(ଡିଏନଏ):** ହିଞ୍ଜିଳି ଥାନା ବାଦିଆମ୍ବଗାଁରେ ଗୁରୁବାର ବିଦ୍ୟୁତ୍ ଆଘାତରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ସୋନାଲି ଗଉଡା। ସୋନାଲି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଏ ନେଇ ନଂ. ୭/୨୧ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବଜ୍ରପାତରେ ୨ ବଳଦ ମୃତ

**ପାରଳାଖେମୁଣ୍ଡି,୨୨।୭(ଡି.ଏନ.ଏ):** ମୋହନା ବ୍ଲକ ଅନ୍ତର୍ଗତ କିଁଉିଙ୍ଗୀ ଗ୍ରାମରେ ଗୁରୁବାର ବଜ୍ରପାତରେ ୨ ବଳଦଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଅଜୟ ଦଳାଇ ଓ ବିପିନ ଦଳାଇ ବିଲରେ ହଳ କରୁଥିବା ବେଳେ ବର୍ଷା ଆସିବାରୁ କିଛି ଦୂରକୁ ଚାଲିଆସ ଯାଇଥିବାରୁ ସେମାନେ ରକ୍ଷା ପାଇଛନ୍ତି। ମାତ୍ର ବିଲରେ ସେମାନଙ୍କର ଗୋଟିଏ ଲେଖାଏ ବଳଦଙ୍କ ମୃତ୍ୟୁ ହୋଇଛି। ସେହିପରି ଗୋଟିଏ ବାଛୁରୀ ମଧ ଆହତ ହୋଇଛି।

### ରେଳମନ୍ତ୍ରୀଙ୍କୁ ଭେଟିଲେ ପାରଳା ବିଧାୟକ

**ପାରଳାଖେମୁଣ୍ଡି,୨୨।୭(ଡି.ଏନ୍.ଏ.):** ଗୁଣପୁର-ଥେରୁବାଲି ରେଳପଥ ସଂଯୋଗୀକରଣ ନିମନ୍ତେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଗୁରୁବାର ନୂଆଦିଲ୍ଲୀଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ରାୟଗଡ଼ା ଜିଲାର ଗୁଣପୁରଠାରୁ ଗଜପତି ଜିଲାର ପାରଳାଖେମୁଣ୍ଡି ମଧରେ ଥିବା ସମସ୍ତ ଷ୍ଟେଶନରେ ପ୍ଲାଟ୍‌ଫର୍ମ ଉଚ୍ଚ କରିବା, କମ୍ପ୍ୟୁଟରାଇଜଡ୍ ସଂରକ୍ଷିତ ଟିକଟ ବ୍ୟବସ୍ଥା ଏବଂ ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନ୍ କାଶୀନଗରଠାରେ ରହଣି ନେଇ ପଦକ୍ଷେପ ନିମନ୍ତେ ସେ ଦାବି ଜଣାଇଛନ୍ତି। ବୁଧବାର ବିଧାୟକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ସମାନ ଦାବି ଉପସ୍ଥାପନ କରିଥିଲେ।

### କଳିଙ୍ଗା ଘାଟିରେ ଡକାୟତି ଯୋଜନା ପଣ୍ଡ, ୫ ଗିରଫ

**ଭଞ୍ଜନଗର,୨୨।୭(ଡି.ଏନ.ଏ):** ଗଞ୍ଜାମ-କନ୍ଧମାଳ ସୀମାରେ ଥିବା କଳିଙ୍ଗା ଘାଟିରେ ବୁଧବାର ବିଳମ୍ବିତ ରାତିରେ ଡକାୟତି ଯୋଜନା ଚାଲିଥିବା ବେଳେ ପୋଲିସ ତାହାକୁ ପଣ୍ଡ କରିଛି। ସେଠାରୁ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କେବିରିବରପୁରର କାଳିଆ ସ୍ୱାଇଁ, ଖେଟାପଲ୍ଲୀର ହରି ନାଇକ, ଶଙ୍କର ନାଇକ, ଭେଜିପୁଟ ଗୋଲାସାହିର ଶିବ ଜେନା ଓ କଇଣ୍ଡିର ଅରୁଣ ସ୍ୱାଇଁ। ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ଭଞ୍ଜନଗର ଥାନା ଏସ୍‌ଆଇ ମନସ୍ୱିନୀ ମହାନ୍ତି ଏହି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ଲଙ୍କାଗୁଣ୍ଡ ୧ ପ୍ୟାକେଟ୍, ଖାଲି ମଦ ବୋତଲ, ବୋମା ୩ଟି, ୨ଟି ଖଣ୍ଡା, ୩ଟି ବାଇକ୍ ଜବତ କରାଯାଇଥିବା ଥାନା ଅଧିକାରୀ ସୁଦୀପ୍ତ ସାହୁ କହିଛନ୍ତି। ଏହି ଘଟଣାରେ ଆଉ କେତେଜଣ ସମ୍ପୃକ୍ତ ଥିବା ପୋଲିସ ଅନୁମାନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ଏସ୍‌ଆଇ ସମିର ବେହେରା ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି ।

# ଜଳସେଚନ ସମସ୍ୟା ନେଇ ରାସ୍ତା ଅବରୋଧ

**ଛତ୍ରପୁର,୨୨।୭(ଡି.ଏନ୍.ଏ.)**

ଜମିକୁ ଜଳସେଚନ ସମସ୍ୟା ଓ ଅନ୍ୟାନ୍ୟ ଦାବି ନେଇ ଛତ୍ରପୁର ବ୍ଲକ ଚିକଲଖଣ୍ଡି ଗ୍ରାମର ବହୁ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିପୁଲିଙ୍ଗିଠାରୁ ସାହେବ ଜେନାପଲ୍ଲୀ ପର୍ଯ୍ୟନ୍ତ ଜୟମଙ୍ଗଳ ନାଳ, ଭଲିଆପେଟା ମାଇନର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଶଙ୍ଖ ବନ୍ଧର ପଙ୍କ ଓ ଅମରିଗଛ ପରିଷ୍କାର କରିବା ଦାବି ନେଇ ଚାଷୀମାନେ ଗୁରୁବାର ପୁରୁଣାପାଟଣା ଗ୍ରାମ ଛକ ନିକଟରେ ଛତ୍ରପୁରରୁ ବିପୁଲିଙ୍ଗି ଯିବାକୁ ଥିବା ମୁଖ୍ୟରାସ୍ତାକୁ ଅବରୋଧ କରିବା ସହ ଧାରଣାରେ ବସିଥିଲେ । ଫଳରେ ଉକ୍ତ ରାସ୍ତାରେ ଯାତାୟାତ ଠପ ହୋଇଥିଲା । ପ୍ରାୟ ୮୦ ବର୍ଷ ହେଲା ନାଳ କାମ ସରିପାରିନି। ଗତବର୍ଷ ଚିକଲଖଣ୍ଡି ପଞ୍ଚାୟତର ପ୍ରାୟ ୧୦୦ ଏକର ଚାଷଜମି ମରୁଡ଼ି ହୋଇଥିଲା ବୋଲି ଚାଷୀ ପି. ଜଗଦୀଶ ରେଡ୍ଡୀ ଅଭିଯୋଗ କରିଛନ୍ତି।ଏ ସମ୍ପର୍କରେ ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନ କରାଯାଇଥିବା ସେ କହିଥିଲେ। ଛତ୍ରପୁର ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା।


ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

ପରେ ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ ଛତ୍ରପୁର ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ, ସବ ଇନ୍ସପେକ୍ଟର ସିଲୁ ଧଳଙ୍କ ଉପସ୍ଥିତରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ତହସିଲ କାର୍ଯ୍ୟାଳୟ ପରିସରରେ ଜଳ ସେଚନ ବିଭାଗ ଅଧିକାରୀମାନଙ୍କୁ ନେଇ ଚାଷୀଙ୍କ ସମସ୍ୟା ଉପରେ ବୈଠକ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ପି.ଡାଲେୟା ରେଡ୍ଡୀ, ମନୋଜ କୁମାର ନାୟକ, ଡି. ତାରେଣେୟା, ଡି.କ୍ରିଷ୍ଣା ରେଡ୍ଡୀ, ଡି.ଦାମୋଦର ରେଡ୍ଡୀ, କେ.କବିରାଜ ପ୍ରମୁଖଙ୍କ ସମେତ ବହୁ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୨ ଗୁରୁତର

**ଦିଗପହଣ୍ଡି,୨୨।୭(ଡି.ଏନ.ଏ.)**

ଦିଗପହଣ୍ଡି–ପୋଡାମାରୀ ରାସ୍ତାର ଚାଙ୍ଗୁଡିଦେଇ ପାହାଡ ନିକଟରେ ଗୁରୁବାର ଅପରାହ୍ନ ୫ ଟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି। ଘଟଣାସ୍ଥଳରୁ ଗୁରୁତରମାନଙ୍କୁ ଦମକଳବାହୀନି ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜଣକୁ ମୃତ ଘୋଷଣା କରିଥିବା ବେଳେ ଦୁଇ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା କରି ବ୍ରହ୍ମପୁର ବଡମେଡିକାଲ୍ ସ୍ଥାନାନ୍ତର କରିଛନ୍ତି। ମୃତକ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ବି.ନୂଆପଡା ଗ୍ରାମର ବୁଡା ଗୌଡ (୪୫)। ଗୁରୁତର ଦୁଇଜଣ ହେଲେ ପାଟପୁର ଥାନା ଅନ୍ତର୍ଗତ ଧରମପୁର ଗ୍ରାମର ଶଙ୍କର ପାତ୍ର ଓ ଦିଗପହଣ୍ଡି ଥାନା ଅନ୍ତର୍ଗତ ଜଳମେରୀପଲ୍ଲୀ ଗ୍ରାମର ବିକାଶ ବିଶ୍ୱାଳ ବୋଲି ପୋଲିସ୍ ସୂତ୍ରରୁ ଜଣାପଡିଛି। ଦୁର୍ଘଟଣା ଘଟାଇଥିବା ବାଇକ୍ ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଚାଲିଥିବା ନେଇ ଥାନା ଆଇଆଇସି ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ବୁଡା ବାଇକ୍ (ନଂ ଓଡି–୦୭କେ–୩୦୮୨) ଯୋଗେ ଦିଗପହଣ୍ଡି ନିକଟସ୍ଥ ଶୁଣ୍ଡିପଲ୍ଲୀ ଗ୍ରାମରୁ ଭୋଜିଖାଇ ତାଙ୍କ ଗ୍ରାମ ବି.ନୂଆପଡା ଗାଁକୁ ଫେରୁଥିବା ବେଳେ ଚାଙ୍ଗୁଡିଦେଇ ପାହାଡ ନିକଟରେ ବିପରିତ ଦିଗରୁ ଶଙ୍କର ଓ ବିକାଶ ହୋଣ୍ଡା (ନଂ ଓଡି–୦୭ ଜାଡ୍–୪୫୧୭) ଯୋଗେ ଦ୍ରୁତଗତିରେ ଆସି ବୁଡାଙ୍କୁ ଧକ୍କା ଦେଇଥିଲେ।

# କ୍ରିକେଟ କ୍ଲବର ରୌପ୍ୟ ଜୟନ୍ତୀ



ମଞ୍ଚାସୀନ ଅତିଥି ।

**ଆସିକା, ୨୨।୭(ଡି.ଏନ.ଏ):** ଆସିକା ପାନାସୋନିକ କ୍ରିକେଟ କ୍ଲବର ରୌପ୍ୟ ଜୟନ୍ତୀ ଗୁରୁବାର ସ୍ଥାନୀୟ ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଅନିଲ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଯୁବନେତା ନଚିକେତା ସ୍ୱାଇଁ, ଜାତୀୟ ପୁରସ୍କାରପ୍ରାପ୍ତ ବଡିବଲଡର ରାଜେଶ ବାବୁ ଆଚାରୀ, ସତ୍ୟନାରାୟଣ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ କ୍ଲବ ପକ୍ଷରୁ ଆସିକା ଅଞ୍ଚଳରେ କ୍ରୀଡା ଭିତ୍ତିଭୂମିର ବିକାଶ ଲାଗି ଇନଡୋର ଷ୍ଟାଡିୟମ ପ୍ରତିଷ୍ଠା, ହରିହର ହାଇସ୍କୁଲ ମିନିଷ୍ଟାଡିୟମର ପୂର୍ଣ୍ଣାଙ୍ଗିକରଣ ଲାଗି ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସନ୍ତୋଷ ବିଷୋୟୀ, ପ୍ରଶାନ୍ତ କୁମାର ମୁନି, ଦେବକାନ୍ତ ଶର୍ମା, ଦେବାଶିଷ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବାଘୁଆ ଜଳଭଣ୍ଡାରରୁ ଛଡ଼ାଗଲା ପାଣି

**ବୁଗୁଡ଼ା,୨୨।୭(ଡି.ଏନ.ଏ.)**

ବୁଗୁଡ଼ା ଓ ପୋଲସରା ବ୍ଲକରେ ବର୍ଷା ଅଭାବ ଯୋଗୁ ବାଘୁଆ ଜଳଭଣ୍ଡାରରୁ ଗୁରୁବାର ସକାଳ ୬ଟାରେ କେନାଲ ଦେଇ ଜଳ ଛଡ଼ାଯାଇଥିବା ପ୍ରଶାସନ ସୂତ୍ରରୁ ପ୍ରକାଶ। ବାଘୁଆ ଜଳଭଣ୍ଡାରରେ ବର୍ତ୍ତମାନ ମାତ୍ର ୭.୫୫ ଶତକଡ଼ା ଜଳ ଥିବାବେଳେ ଖରିଫ ଫସଲ ବଞ୍ଚାଇବା ପାଇଁ ଜଳସେଚନ ବିଭାଗ ତରଫରୁ ଏଭଳି ଜଳ ଛାଡ଼ିବା ପାଇଁ ବାଧ ହେବାକୁ ପଡ଼ିଛି। ଏନେଇ ଗତ ୧୯ ତାରିଖରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବୁଗୁଡ଼ା ଓ ପୋଲସରା ତହସିଲଦାର, ବୁଗୁଡ଼ା ଓ ପୋଲସରା ବିଡିଓ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ହୋଇଥିବା ଏକ ଭର୍ଚୁଆଲ ବୈଠକରେ ଆଲୋଚନା କରାଯାଇ ଜଳ ଛଡ଼ାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ସକାଳୁ ବୁଗୁଡ଼ା ଜଳସେଚନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ବିଷ୍ଣୁ ଚରଣ ସାହୁଙ୍କ ଉପସ୍ଥିତିରେ ମତାଝରିସ୍ଥିତ ଜଳଭଣ୍ଡାରରୁ ୨ଟି ଗେଟ୍ ଯୋଗେ କେନାଲ ଦେଇ ଜଳ ଛଡ଼ାଯାଇଛି। ଫଳରେ ବୁଗୁଡ଼ା ଓ ପୋଲସରା ବ୍ଲକର ପ୍ରାୟ ୮୦୦୦ ହେକ୍ଟର ଜମିରେ ଏହି ପାଣି ମାଡ଼ିପାରିବ ବୋଲି ଯନ୍ତ୍ରୀ କହିଛନ୍ତି। ପ୍ରକାଶ ଯେ ବାଘୁଆ ଜଳଭଣ୍ଡାର ଜଳଧାରଣ କ୍ଷମତା ୩୧୦୦ ହେକ୍ଟର ମିଟର ଥିବା ବେଳେ ବର୍ତ୍ତମାନ ଏହି ଭଣ୍ଡାରରେ ମାତ୍ର ୨୪୭.୫୫ ହେକ୍ଟର ମିଟର ଜଳ ଅଛି। ଯଦି ସପ୍ତାହକ ମଧରେ ବର୍ଷା ନ ହୁଏ ତେବେ ଜଳଭଣ୍ଡାର ମଧ ଶୁଖିଯିବା ସମ୍ଭାବନା ରହିଛି।


କେନାଲ ଦେଇ ଛଡାଯାଉଛି ଜଳ ।

# ଆଇଏଏସ୍ ପ୍ରୋବେଶନ ମଧୁସ୍ମିତା ସିଂ ଗଞ୍ଜାମ ବିଡିଓ

**ଗଞ୍ଜାମ,୨୨।୭(ଡି.ଏନ.ଏ.)**

ଆଇଏଏସ ପ୍ରୋବେଶନ ମଧୁସ୍ମିତା ସିଂ ଗୁରବାର ଗଞ୍ଜାମ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବିଡିଓ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମେ ସ୍ଥାନୀୟ କାଇଁଚପୁର ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି। ପଞ୍ଚାୟତ ଗୃହ, ମିଶନଶକ୍ତି ଗୃହ, ପାଠାଗାର, ଜିପିଏଲଏଫ ଗୃହ, ପିଡ଼ିଏସ୍ ଚାଉଳ ବଣ୍ଟନ, ଏସ୍‌ଏଚଜି ଦ୍ୱାରା ହେଉଥିବା ଛତୁ ଚାଷ, ଆଦର୍ଶ ଗୋରୁ ଗୁହାଳ, ଡିୟୁଜି ବେଲଲ, ନରସେରୀ, ଗ୍ରାମ୍ୟ ଉଦ୍ୟାନ, ଆଦର୍ଶ ପୋଖରୀ, ମୋ ଉପକାରୀ ବଗିଚା ଆଦି ଦେଖିଥିଲେ। ସରପଞ୍ଚ ଜି.ସନ୍ତୋଷ ରେଡ୍ଡୀ, ସହକାରୀ ଯନ୍ତ୍ରୀ ବଂଶୀଧର ପରିଡା, ବିପିଏମ୍ ଜଳନ୍ଧର ମହାରଣା, ବିପିସି ଚନ୍ଦନ ପାଢ଼ୀ, କନିଷ୍ଠ ଯନ୍ତ୍ରୀ କୈଳାସ ପାତ୍ର, ପିଇଓ ଶ୍ରୀକାନ୍ତ ଗୌଡ଼ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ


ସ୍ମାରକପତ୍ର ପ୍ରଦାନ କରାଯାଉଛି ।

**ଛତ୍ରପୁର,୨୨।୭(ଡି.ଏନ୍.ଏ.)**

ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ସମେତ ସରବରାହ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ନେଇ ଗୁରୁବାର ଛତ୍ରପୁର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଛତ୍ରପୁର ବିଦ୍ୟୁତ ବିଭାଗୀୟ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ୮ ଦଫା ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଭାଗୀୟ ଏସ୍‌ଡିଓଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟରେ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ଟାଟା କମ୍ପାନୀକୁ ଦିଆଯାଇଛି । ଏହି କମ୍ପାନୀ ଏବେ ସେବା ବଦଳରେ ଲୋକଙ୍କୁ ଠାରୁ ଶୁଳ୍କ ଆଦାୟ କରିବାରେ ବ୍ୟସ୍ତ । ବର୍ଦ୍ଧିତ ଶୁଳ୍କ ପ୍ରତ୍ୟାହାର ସହ ୧ରୁ ଶହେ ୟୁନିଟ ପର୍ଯ୍ୟନ୍ତ ଗୋଟିଏ ଦର ଲାଗୁ କରିବା, ଲୋଭୋଲଟେଜ ସମସ୍ୟା ଦୂର, ଅଘୋଷିତ ବିଦ୍ୟୁତ କାଟ ବନ୍ଦ, ଛତ୍ରପୁର ଏକ ବାତ୍ୟା ପ୍ରବଣ ଅଞ୍ଚଳ ହୋଇଥିବାରୁ ଭୂତଳ ବିଦ୍ୟୁତ ବ୍ୟବସ୍ଥା ଆଦି କରିବାକୁ ଭାଜପା ଦାବିପତ୍ରରେ ଉଲ୍ଲେଖ କରିଛି। ପ୍ରଦୀପ ପାଢ଼ୀ, ବ୍ରଜମୋହନ ଆଚାର୍ଯ୍ୟ, ସଞ୍ଜିତ କୁମାର ରାଉଳ, ଭୀମସେନ ବେହେରା, ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଅସ୍ଥାୟୀ କର୍ମଚାରୀ ନିୟମିତ ଦାବିରେ ଆନ୍ଦୋଳନ

**ଭଞ୍ଜନଗର/ଆସିକା, ୨୨।୭(ଡି.ଏନ.ଏ.)**

ରାଜ୍ୟ ସରକାର ବିଦ୍ୟୁତ୍ ପରିଚାଳନାରେ ସୁଧାର ଆଣିବାକୁ ଟାଟା ପାୱାରକୁ ଦାୟିତ୍ୱ ଦେଇଛନ୍ତି। ଟାଟା ପକ୍ଷରୁ ବିଭିନ୍ନ ପଦବୀରେ ବର୍ତ୍ତମାନ ନିଯୁକ୍ତି ଦିଆଚାଲିଛି। ଏଭଳି ପରିସ୍ଥିତିରେ ୧୫ରୁ ୨୦ ବର୍ଷ ଧରି ଅସ୍ଥାୟୀ କର୍ମଚାରୀ ଭାବେ ବିଦ୍ୟୁତ୍ ବିଭାଗରେ ଆଉଟ୍‌ସୋର୍ସିଂ ମାଧ୍ୟମରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଭବିଷ୍ୟତକୁ ନେଇ ଆଶଙ୍କା କରୁଛନ୍ତି। ଗୁରୁବାର ଉକ୍ତ କର୍ମଚାରୀମାନେ ଭଞ୍ଜନଗର ଅଧୀକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଦାବି ହେଲା, ୨୦୧୮ରେ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରକାରେ ପ୍ରଥମ ପର୍ଯ୍ୟାୟରେ ୨ଶହ କର୍ମଚାରୀଙ୍କ ଚାକିରି ନିୟମିତ କରାଯାଉ। ଅନ୍ୟ କର୍ମଚାରୀଙ୍କ କଥା ମଧ ବିଚାରକୁ ନିଆଯାଉ। ନଚେତ ଆନ୍ଦୋଳନକୁ ଯୋରଦାର କରାଯିବ ସଂଘ ନେତା ହର ପ୍ରସାଦ ବିଷୋୟୀ, ଶିବ ବେହେରା ଓ ସୀମାଞ୍ଚଳ ତ୍ରିପାଠୀ ପ୍ରମୁଖ କହିଛନ୍ତି।

**ବିଦ୍ୟୁତ୍ ପରିଚାଳନା ଦାୟିତ୍ୱ ଟାଟା ପାୱାର ହାତରେ**


ଆଇନଜୀବୀ ଏମ୍.ତାଜ୍ ଆଦେନୀ ଉଦ୍‌ବୋଧନ ଦେଉଛନ୍ତି ।

ଅପରପକ୍ଷେ ଏନେଇ ବିଦ୍ୟୁତ୍ ବିଭାଗର ଜଣେ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କିଛି କହିବାକୁ ମନା କରି ଦେଇଥିଲେ। ଅପରପକ୍ଷେ ଭଞ୍ଜନଗର ବାର୍ ଆସୋସିଏଶନ ଆନ୍ଦୋଳନକୁ ସମର୍ଥନ ଜଣାଇଛି। ବାର ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ, ବରିଷ୍ଠ ଆଇନଜିବୀ ଏମ୍.ତାଜ୍ ଆଦେନୀ, ରାଜେନ୍ଦ୍ର ପ୍ରଧାନ, ଅଶୋକ ଜେନା ପ୍ରମୁଖ ଧାରଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିବା ସହ ଉଦ୍‌ବୋଧନ ଦେଇଥିଲେ। ସେହିପରି ଆସିକା କଲେଜଛକସ୍ଥିତ ସାଉଥକୋର ସର୍କଲ ଅଫିସ ସମ୍ମୁଖରେ ଅସ୍ଥାୟୀ କର୍ମଚାରୀମାନେ ଧାରଣା ଦେଉଛନ୍ତି। ଧାରଣା ୨ ଦିନ ଚାଲିବ ବୋଲି ଜଣାପଡିଛି।

# ଦିବ୍ୟାଙ୍ଗ ସଂଘ ପକ୍ଷରୁ ଉପ ଜିଲାପାଳଙ୍କୁ ଦାବିପତ୍ର

**ଭଞ୍ଜନଗର,୨୨।୭(ଡି.ଏନ.ଏ.)**

ଘୁମୁସର ଦିବ୍ୟାଙ୍ଗ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ଗୁରୁବାର ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିଗୁଡ଼ିକ ହେଲା ସରକାରଙ୍କ ନିଷ୍ପତ୍ତି ପ୍ରକାରେ ଦିବ୍ୟାଙ୍ଗମାନଙ୍କୁ କୋଭିଡ୍ ଟିକା କେନ୍ଦ୍ରରେ ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା କରାଯାଉ। ଯେଉଁମାନେ ଆଦୌ ଚାଲି ପାରୁନାହାନ୍ତି ସେମାନଙ୍କୁ ଘରେ ଟିକା ବ୍ୟବସ୍ଥା କରାଯାଉ। ଏଥିସହ ସ୍ୱାସ୍ଥ୍ୟ ବୀମା କାର୍ଡ଼ ପ୍ରଦାନ କରିବା ପାଇଁ ସଭାପତି ଡ଼ି.ଚେଲପତି ରାଓ ଦାବି କରିଛନ୍ତି ।

# ୧.୮୦ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ


୧ କୁଇଣ୍ଟାଲ ୮୦ କେଜି ଗଞ୍ଜେଇ ଜବତ ।

**ଫୁଲବାଣୀ ଅଫିସ, ୨୨।୭**

ଗୋଚ୍ଛାପଡା ଥାନା ପୋଲିସ ଏକ କାରରୁ ୧ କୁଇଣ୍ଟାଲ ୮୦ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ନେଡିପଦର ଗ୍ରାମର ପ୍ରକାଶ ସାହୁ, ବିନିକିମେଣ୍ଡି ଗ୍ରାମର କଷ୍ଟ ରଣା ଓ ଶିଶୁ ରଣା । ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଏହାପରେ ନେଡିପଦର ଗ୍ରାମ ନିକଟସ୍ଥ ପ୍ରୁଡେନୀ ଛକଠାରେ ଚଢାଉ କରାଯାଇଥିଲା । କାର (ଓଡି୦୫ଏକ୍ସ୧୮୬୮)କୁ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା । ଏହା ଫୁଲବାଣୀ ଦେଇ ବାହାରକୁ ପଠାଯିବା ପାଇଁ ଯୋଜନା ଥିଲା । ଏ ନେଇ ନଂ.୫୪/୨୧ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରଞ୍ଜିତ କୁମାର ମୁନୀ କହିଛନ୍ତି।

# ମିଳିତ ସ୍ୱତନ୍ତ୍ର ସ୍କ୍ୱାଡର ଚଢ଼ାଉ, ୧୨ ଗିରଫ

**ଛତ୍ରପୁର,୨୨।୭(ଡି.ଏନ.ଏ)**

ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବା ଲାଗି ଗଞ୍ଜାମରେ ମିଳିତ ସ୍ୱତନ୍ତ୍ର ସ୍କ୍ୱାଡ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ଗୁରୁବାର ରମ୍ଭା, ଖଲିକୋଟ, ଭଞ୍ଜନଗର, ଆସିକା ଓ ପୋଲସରା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ମଦ କାରବାର ଉପରେ ଚଢ଼ାଉ ବେଳେ ୧୨ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଗଞ୍ଜାମ ଅବକାରୀ ଅଧିକ୍ଷକ ରାଜେନ୍ଦ୍ର କୁମାର ଭତ୍ରାସୂଚନା ଦେଇଛନ୍ତି। ସେମାନଙ୍କ ଠାରୁ ୨୮୮ ଲିଟର ଦେଶୀ ମଦ ଏବଂ ୩୨୦୦ ଲିଟର ଅନ୍ୟାନ୍ୟ ମଦ ଜବତ କରାଯାଇଛି।

# ପିଡିଙ୍କ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ

**ଆସିକା,୨୨।୭(ଡି.ଏନ.ଏ)**

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ ଗୁରୁବାର ଆସିକା ବ୍ଲକ ଓ ଏନଏସିରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ପିଡି ଭେଟନଈ ଠାରେ ଇକୋ ଟୁରିଜମ ସେଣ୍ଟର ପ୍ରତିଷ୍ଠା ଲାଗି ସ୍ଥାନ ପରିଦର୍ଶନ କରିବା ସହ ଚାରିମଇଲି ନିକଟରେ ହେବାକୁ ଥିବା ଗୋଶାଳା ଲାଗି ଚିହ୍ନଟ ସ୍ଥାନ ବୁଲି ଦେଖିଥିଲେ । ପ୍ରାୟ ୧କୋଟି ଟଙ୍କା ବ୍ୟୟବରାଦରେ ଭେଟନଈ ପଞ୍ଚାୟତ ଇଲାକାର ୧୦୦ ଗୋରୁ ରହିବା ଲାଗି ଏକ ଗୋଶାଳା, ଘାସ ଚାଷ, ପୋଖରୀ ଖନନ, ରାସ୍ତା ନିର୍ମାଣ ଓ ଆବଶ୍ୟକସ୍ଥଳେ ଉତ୍ପାଦିତ ଦୁଗ୍ଧର ସୁପରିଚାଳନା ଲାଗି ଚିଲିଂ ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ଯୋଜନା କରାଯାଇଛି । ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଲାଗି ପିଡି ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା କଙ୍କଣଦେବୀ ପୀଠରେ ୱାଚ ଟାୱାର, ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଓ ବରଗାଁ ପଞ୍ଚାୟତରେ ନିର୍ମାଣାଧିନ ଅଙ୍ଗନବାଡି କେନ୍ଦ୍ର ମଧ ବୁଲି ଦେଖିଥିଲେ । ସେହିପରି ଆସିକା ଏନଏସିରେ ନିର୍ମାଣାଧିନ ଇନଡୋର ଷ୍ଟାଡିୟମ ଲାଗି ଥାନା ସମ୍ମୁଖରେ ଚିହ୍ନଟ ହୋଇଥିବା ସ୍ଥାନ, ସୁନାମ୍ବ ସାହି ନିକଟରେ ନିର୍ମାଣାଧିନ ଆଦର୍ଶ ଶ୍ମଶାନ ଓ ହାଟପଦାସ୍ଥିତ ସ୍ମାର୍ଟ ପାର୍କ ବୁଲି ଦେଖିବା ସହ ସମସ୍ତ କାର୍ଯ୍ୟ ତୁରନ୍ତ ସାରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ପିଡି ନିର୍ଦ୍ଦେଶ ଦେଇଥିଲେ । ବିଡିଓ ରୋଶନ ଶତପଥୀ, ସହକାରୀ ଯନ୍ତ୍ରୀ ନାରାୟଣ ସାହୁ, ଏନଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ ଟେଟେ, ଭେଟନଈ ସରପଞ୍ଚ ଅମୂଲ୍ୟ କୁମାର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।


ପିଡିଙ୍କ କଙ୍କଣଦେବୀ ମନ୍ଦିର ପରିଦର୍ଶନ ।

